# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






## କ୍ୟାନସର୍ ଆତଙ୍କ ନୁହେଁ







କ୍ୟାନସର୍ ନାଁ ଶୁଣିଲେ ମଣିଷ ଆତଙ୍କିତ ହୋଇଯାଏ । କ୍ୟାନସର୍‌ରେ ପୀଡିତ ରୋଗୀର ମନ ମରିଯାଏ । ହତାଶା ଆବୋରି ବସେ । କିନ୍ତୁ ହତାଶ ହେବାର ଦିନ ସରି ସରି ଆସୁଛି । ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏ ରୋଗକୁ କାବୁ କରିବାର ଔଷଧ ଏବଂ ଉପଚାରର ସନ୍ଧାନରେ ଲାଗିଛନ୍ତି । କିଛି ସଫଳତା ମିଳିଛି, ଆଗକୁ ଶହେ ପ୍ରତିଶତ ସଫଳତା ମିଳିବାର ଦାବି କରିଛନ୍ତି ବିଜ୍ଞାନୀମାନେ । ଆରମ୍ଭରୁ ଚିକିତ୍ସା କଲେ କ୍ୟାନସର୍ ଆରୋଗ୍ୟଲାଭ କରିବା ଖୁବ୍ ଗୋଟେ ବଡ଼କଥା ହୋଇ ଆଉ ନାହିଁ । ହଁ, ଆମେ ଟିକେ ସଚେତନ ହେଲେ ଏ ରୋଗକୁ ଖୁବ୍ ସହଜେରେ ଦୂରେଇ ଦେଇପାରିବା । ପାନ, ସିଗାରେଟ୍, ମଦ ଏବଂ ଗୁଟ୍‌ଖା ବର୍ଜନ କଲେ କ୍ୟାନସର୍ ରୋଗକୁ ଦୂରେଇ ଦେଇ ପାରିବା ।

### କ୍ୟାନସର୍ କ'ଣ

ଆମ ଶରୀରର ଯେକୌଣସି ସ୍ଥାନରେ ଜୀବକୋଷର ଅସ୍ୱାଭାବିକ ବୃଦ୍ଧି ହେବା ପ୍ରକ୍ରିୟାକୁ କ୍ୟାନସର୍ କୁହାଯାଉଛି । ଏ ବୃଦ୍ଧି ଶରୀରରେ ଅର୍ବୁଦ (ଗ୍ଲାଣ୍ଡ/ଟ୍ୟୁମର) କିମ୍ବା ଘା' ଆକାରରେ ହୋଇପାରେ ।

ବିଶ୍ୱରେ ହେଉଥିବା ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ହେଲା କ୍ୟାନସର୍ । ବିଶ୍ୱରେ ଏ ରୋଗ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି । ପ୍ରତିବର୍ଷ ଭାରତରେ ଏ ରୋଗରେ କବଳିତ ହୋଇ ପ୍ରାୟ ୧୦ଲକ୍ଷ ରୋଗୀ ମୃତ୍ୟୁବରଣ କରନ୍ତି ।

ମହିଳାମାନେ ଗର୍ଭାଶୟ ଏବଂ ସ୍ତନକର୍କଟରେ ସର୍ବାଧିକ ଆକ୍ରାନ୍ତ ହୋଇଥାନ୍ତି । ପୁରୁଷମାନଙ୍କ ଠାରେ ଫୁସ୍‌ଫୁସ୍, ମୁଖ ଗହ୍ୱର, ଗଳା ଏବଂ ଖାଦ୍ୟନଳୀ କ୍ୟାନସର୍ ଅଧିକ ଦେଖାଯାଇଥାଏ ।

### ଉପଚାର ସହଜ ହେଉଛି

ଧୀରେ ଧୀରେ କ୍ୟାନସର୍‌ର ଉପଚାର କ୍ଷେତ୍ରରେ ସଫଳତା ମିଳିବାରେ ଲାଗିଛି ଏବଂ ଆଶାର ସଞ୍ଚାର ହେବାରେ ଲାଗିଛି ।

ମୁଖ୍ୟତଃ ଏ ରୋଗକୁ ଔଷଧ, ଅସ୍ତ୍ରୋପଚାର ଏବଂ ରେଡିଓ ଥେରାପି ସାହାଯ୍ୟରେ ଉପଚାର କରାଯାଏ । ଏବେ ଅସ୍ତ୍ରୋପଚାର କ୍ଷେତ୍ରରେ ଲାପ୍ରୋସ୍କୋପି ଏବଂ ରୋବଟିକ୍ ସର୍ଜରୀ ଖୁବ୍ ଫଳପ୍ରଦ ହେଉଛି । ଆଗ ଅପେକ୍ଷା ଏବେ ଖୁବ୍ ପ୍ରଭାବଶାଳୀ ପଦ୍ଧତିରେ ରେଡିଏସନ୍ ଥେରାପି ସାହାଯ୍ୟରେ ଟ୍ୟୁମର ନିଶ୍ଚିହ୍ନ କରାଯାଇ ପାରୁଛି । ଏଭଳି ରେଡିଏସନ୍ ଥେରାପିକୁ 'ଇମେଜ୍ ଗାଇଡେଡ୍ ରେଡିଏସନ୍ ଥେରାପି' କୁହାଯାଉଛି । ଏ ପଦ୍ଧତିରେ ବିକିରଣର ପାର୍ଶ୍ୱ କୁପ୍ରଭାବକୁ ଏଡ଼େଇ ଦେଇ ହେଉଛି ଏବଂ ସୁସ୍ଥ ଅଙ୍ଗକୁ ରକ୍ଷା କରି ହେଉଛି । ଏଥିସହିତ 'ଇଣ୍ଟାସିଟି ମାଡ୍ୟୁଲେଟିଡ୍ ରେଡିଏସନ୍ ଥେରାପି ଏବଂ ଥ୍ରୀ-ଡି କନ୍‌ଫର୍ମମାଲ ରେଡିଏସନ୍ ଥେରାପି ଦ୍ୱାରା ମଧ୍ୟ ଉପଚାର ସମ୍ଭବ ହେଉଛି ।

### ରେଡିଏସନ୍ ଥେରାପି

ରେଡିଏସନ୍‌ର ନୂଆ ଟେକ୍ନୋଲୋଜି ମଧ୍ୟରେ ଷ୍ଟିରିୟୋଟେକ୍ଟିକ ରେଡିଏସନ୍ ଥେରାପୀ, ଗାମା ନାଇଫ ଓ ସାଇବର ନାଇଫ୍ ସାମିଲ । ସାଇବର ନାଇଫ୍ କୌଶଳ ରେଡିଓଥେରାପିର ସବୁଠାରୁ ନୂଆ ପଦ୍ଧତି । ପାରମ୍ପରିକ ରେଡିଓଥେରାପି ତୁଳନାରେ ଏହା ଅଧିକ ନିଖୁଣ ଭାବରେ ଚିକିତ୍ସା କରିପାରେ ।

କ୍ୟାନସର୍ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା କେମୋଥେରାପିର ପଦ୍ଧତି ଏବେ ଆହୁରି ଉନ୍ନତ ହୋଇଯାଇଛି । ଏ ମଧ୍ୟରେ ରହିଛି ନିୟୋ-ଆଡଜୁଭେଣ୍ଟ କେମୋଥେରାପି, ମେଣ୍ଟେନାନ୍ସ ଥେରାପି ଓ ପ୍ୟାଲିଏଟିଭ୍ ଥେରାପି ।

ଆମ ଦେଶରେ ସବୁ କ୍ୟାନସର୍ ମଧ୍ୟରେ ମୁଖ କ୍ୟାନସର୍ ରୋଗୀଙ୍କ ସଂଖ୍ୟା ସର୍ବାଧିକ । ଏହାର ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ସାରା ପୃଥିବୀରେ ଯେତିକି ମାଉଥ୍ କ୍ୟାନସର୍ ରୋଗୀ ଅଛନ୍ତି ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ରୋଗୀ ଭାରତର । ଆମ ଦେଶରେ ମାଉଥ୍ କ୍ୟାନସର୍‌ର ମୁଖ୍ୟ କାରଣ ଗୁଟ୍‌ଖା ଓ ଅନ୍ୟ ତମାଖୁ ଉତ୍ପାଦନର ସେବନ । କମ୍ ବୟସରେ ଗୁଟ୍‌ଖା ଓ ତମାଖୁ ଅଭ୍ୟାସ ହେବା ଫଳରେ ଏବେ ଯୁବାବସ୍ଥାରେ ବି ଏ ରୋଗ ଦେଖାଯାଉଛି । ଗୁଟ୍‌ଖା ବ୍ୟତୀତ ନିୟମିତ ଧୂମପାନ ଓ ମଦ୍ୟପାନ ମାଉଥ୍ କ୍ୟାନସର୍‌ର ସମସ୍ୟା ବଢ଼ାଏ ।

ମାଉଥ୍ କ୍ୟାନସର୍ ଗାଲ, ମାଢ଼ି କିମ୍ବା ଜିଭରେ ଆରମ୍ଭ ହୁଏ । ଛୋଟ ଘା' ଭାବରେ ଏହା ଆରମ୍ଭ ହୁଏ, ସେତେବେଳେ କୌଣସି ଯନ୍ତ୍ରଣା ହୁଏନି । ତେଣୁ ପ୍ରାୟ ସମସ୍ତେ ପ୍ରାଥମିକ ଅବସ୍ଥାରେ ଏହାକୁ ଅଣଦେଖା କରିଦିଅନ୍ତି । ଏହି ଅଲସର୍ ବଢ଼ିଲେ ଧୀରେ ଧୀରେ କ୍ୟାନସର୍‌ର ଲକ୍ଷଣ ପ୍ରକାଶ ପାଏ । କିନ୍ତୁ ଅଧିକାଂଶ ସମୟରେ କ୍ୟାନସର୍ ବେକର ଗ୍ରନ୍ଥି ବା ଅନ୍ୟ ଭାଗ ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ । ଏ ସ୍ଥିତିରେ ଚିକିତ୍ସାର କଲେ ଆରୋଗ୍ୟଲାଭର ସମ୍ଭାବନା ଖୁବ୍ କମ୍‌ଥାଏ । ଦେଶରେ ଅଧିକାଂଶ ମାଉଥ୍ କ୍ୟାନସର୍ ରୋଗୀଙ୍କର ପ୍ରାଥମିକ ଅବସ୍ଥାରେ ରୋଗ ଚିହ୍ନଟ ହୋଇପାରେନି ।

ଅଧିକାଂଶ ରୋଗୀ କ୍ୟାନସର୍ ରୋଗର ବାୟୋପ୍ସି ଯାଞ୍ଚ କରାଇବାକୁ ଭୟ କରନ୍ତି । ସେମାନଙ୍କର ଧାରଣା ବାୟୋପ୍ସି ଯାଞ୍ଚ କଷ୍ଟକର ଏବଂ ଏହା ପରେ କ୍ୟାନସର୍ ବ୍ୟାପିଯାଏ । ମାତ୍ର ପ୍ରକୃତ କଥା ହେଉଛି ରୋଗୀର କ୍ୟାନସର୍ ଆଶଙ୍କା ଥିବା ସ୍ଥାନରୁ ମଟରଦାନା ଆକାରର ଅଂଶ କଟାଯାଇ ବାୟୋପ୍ସି ପାଇଁ ନିଆଯାଏ । ବାୟୋପ୍ସି ପରେ ଜଣାପଡେ ରୋଗୀପାଇଁ କେଉଁ ଚିକିତ୍ସା ପଦ୍ଧତି ଠିକ୍ ।

ପ୍ରାଥମିକ ଅବସ୍ଥାରେ ପରମ୍ପରାଗତ ସର୍ଜରୀ ବା ଆଧୁନିକ ଲେଜର ସର୍ଜରୀ ଦ୍ୱାରା ଖୁବ୍ ଭଲ ଭାବରେ ଚିକିତ୍ସା କରିହୁଏ । ମାତ୍ର ସମସ୍ୟା ବଢ଼ିଲେ ମୁଖର ବିଭିନ୍ନ ଭାଗ ସର୍ଜରୀ କରାଯାଏ । ରୋଗ ଯେତେ ପୁରୁଣା ହୁଏ ଚିକିତ୍ସା ସେତେ ବ୍ୟୟସାପେକ୍ଷ ଓ କଷ୍ଟକର ହୁଏ ।

ମାଉଥ୍ କ୍ୟାନସର୍ ପରେ ଅନ୍ୟତମ ବଡ଼ ସମସ୍ୟା ହେଉଛି ସ୍ତନ କର୍କଟ ବା ବ୍ରେଷ୍ଟ କ୍ୟାନସର୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପୂର୍ବାନୁମାନ ଅନୁଯାୟୀ ୨୦୨୦ ମସିହା ବେଳକୁ ଭାରତରେ ପ୍ରତି ସାତଜଣରେ ଜଣେ ମହିଳା ବ୍ରେଷ୍ଟ କ୍ୟାନସର୍‌ରେ ପୀଡିତ ଥିବେ । ଭାରତରେ ମହିଳାମାନେ ପ୍ରାଥମିକ ଅବସ୍ଥାରେ ନିଜକୁ ଅଣଦେଖା କରିବା ଅଧିକାଂଶ କ୍ଷେତ୍ରରେ ସ୍ତନକର୍କଟ ପରିମାଣ ବୃଦ୍ଧିର କାରଣ । ସ୍ତନରେ ଥିବା ଗେଟି ଯନ୍ତ୍ରଣା ନଦେବା ପର୍ଯ୍ୟନ୍ତ କେହି ଏଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଅନେକ ସମୟରେ ଏହି ଗେଟିରେ ଯନ୍ତ୍ରଣା ବି ସୃଷ୍ଟି ହୁଏନି । ଏ ସ୍ଥଳରେ ରୋଗୀ ପ୍ରତି ବିପଦ ଆହୁରି ବଢ଼ିଯାଏ ।

ଦେଶରେ ବ୍ରେଷ୍ଟ କ୍ୟାନସର୍ ବୃଦ୍ଧିର ମୁଖ୍ୟ କାରଣ ଜୀବନଶୈଳୀରେ ପରିବର୍ତ୍ତନ । ଆଜିକାଲି କ୍ୟାରିଅର୍‌କୁ ଅଧିକ ଗୁରୁତ୍ୱ ଦେବା କାରଣରୁ ମହିଳାମାନେ ପ୍ରାୟ ୩୦ବର୍ଷ ପରେ ହିଁ ମା' ହେଉଛନ୍ତି ।



ଏହାଛଡ଼ା ସ୍ତନ୍ୟପାନର ଅବଧି ମଧ୍ୟ କମ୍ ହେଉଛି । ଏହା କ୍ୟାନସର୍‌ର ମୁଖ୍ୟ କାରଣ । ଏହା ବ୍ୟତୀତ ଋତୁସ୍ରାବରେ ଅନିୟମିତତା ଓ ସ୍ତ୍ରୀ ହରମୋନ୍‌ରେ ଅସନ୍ତୁଳନ ମଧ୍ୟ ବ୍ରେଷ୍ଟ କ୍ୟାନସର୍‌ର କାରଣ ।

ପରିବାରରେ ବ୍ରେଷ୍ଟ କ୍ୟାନସର୍ ଥିଲେ ଏହାର ସମ୍ଭାବନା ଅଧିକ ଥାଏ । ଏପରି ମହିଳାମାନେ ୪୦ବର୍ଷ ପରେ ଓ ପରିବାରରେ ଏ ସମସ୍ୟା ନଥିବା ମହିଳାମାନେ ୫୦ବର୍ଷ ପରେ ବର୍ଷରେ ଥରେ ମେମୋଗ୍ରାଫି ଟେଷ୍ଟ କରାଇନେବା ଆବଶ୍ୟକ । ମେମୋଗ୍ରାଫି ଜରିଆରେ ପ୍ରାରମ୍ଭିକ ଦିନମାନଙ୍କରେ କ୍ୟାନସର୍ ସମ୍ପର୍କରେ ଜଣାପଡିଯାଏ ଓ ଠିକ୍ ସମୟରେ ଚିକିତ୍ସା ହୋଇପାରେ । ବ୍ରେଷ୍ଟ କ୍ୟାନସର୍ ଧୀରେ ଧୀରେ ବୃଦ୍ଧିପାଏ । ବେଳେବେଳେ ଏକ ସେମି ଆକାରର ଗୋଟି ହେବା ପାଇଁ ୧୦ବର୍ଷ ଲାଗିଯାଏ । ତେଣୁ ମଝିରେ ମଝିରେ ଯାଞ୍ଚ ଏଥିରୁ ବର୍ତ୍ତିବାର ସବୁଠାରୁ ସଫଳ ଉପାୟ । ଜଣାପଡିଲେ କେମୋଥେରାପି, ରେଡିଓଥେରାପି ଓ ସର୍ଜରୀ ଦ୍ୱାରା ଏହାର ଚିକିତ୍ସା କରିହେବ ।

### ଷ୍ଟୋମାକ୍ କ୍ୟାନ୍‌ସର

ଷ୍ଟୋମାକ୍ ବା ଅମାଶୟ କ୍ୟାନସର୍ ପାଚନ ପ୍ରଣାଳୀକୁ ପ୍ରଭାବିତ କରେ । ଧୀରେ ଧୀରେ ପାଚନତନ୍ତ୍ର କାମ କରିବା ବନ୍ଦ କରିଦିଏ ।

ପ୍ରଥମରୁ ଏହି ରୋଗର କୌଣସି ଲକ୍ଷଣ ପ୍ରକାଶ ପାଏନାହିଁ । ଯେଉଁ ଲକ୍ଷଣ ବି ଦେଖାଯାଏ ଏହା ସ୍ପଷ୍ଟ ନଥାଏ । ପେଟ ଯନ୍ତ୍ରଣା, ପେଟ ଫୁଲିବା, ଦେହ ବୁଲାଇବା, ବାନ୍ତି ହେବା, ମଳତ୍ୟାଗ ଅଭ୍ୟାସରେ ପରିବର୍ତ୍ତନ, ଓଜନ କମ୍ ହେବା ଆଦି ଲକ୍ଷଣ ଦେଖାଯାଏ । ଏହାକୁ ସାଧାରଣତଃ କେହି ଷ୍ଟୋମାକ୍ କ୍ୟାନସର୍‌ର ଲକ୍ଷଣ ବୋଲି ମନେକରନ୍ତି ନାହିଁ । ଲୋକମାନେ ଏହାକୁ ଅନ୍ୟ ରୋଗର ଲକ୍ଷଣ ବୋଲି ମନେକରନ୍ତି । ଷ୍ଟୋମାକ୍ କ୍ୟାନସର୍ ଅଧିକ ବ୍ୟାପିଯିବା ପରେ ରୋଗୀର ଖାଦ୍ୟ ହଜମ ହୁଏନାହିଁ, ପେଟରେ ଅଲ୍‌ସର ହୁଏ ଏବଂ ଭାଇରାଲ୍ ଫିଭର୍ ରହେ । ଧୂମପାନ ଓ ଅଧିକ ମାତ୍ରାରେ ମଦ୍ୟପାନ ଷ୍ଟୋମାକ୍ କ୍ୟାନସର୍‌ର ମୁଖ୍ୟ କାରଣ । ଏଚ୍.ପାୟଲୋରୀ ନାମକ ଜୀବାଣୁ ଦ୍ୱାରା ମଧ୍ୟ ପେଟରେ ସଂକ୍ରମଣ ସୃଷ୍ଟିହୁଏ । ଶୀତଳିକୃତ ଖାଦ୍ୟ ମଧ୍ୟ ଷ୍ଟୋମାକ୍ କ୍ୟାନସର୍‌ର ଅନ୍ୟତମ ମୁଖ୍ୟ କାରଣ । ଏହାକୁ ରୋକିବା ପାଇଁ ଯେତେଦୂର ସମ୍ଭବ ତାଜା ରନ୍ଧା ହୋଇଥିବା ଖାଦ୍ୟ ଖାଇବା ଉଚିତ୍ । ଶରୀରରେ ଭିଟାମିନ୍ ବି-୧୨ର ଅଭାବ ମଧ୍ୟ ଷ୍ଟୋମାକ୍ କ୍ୟାନସର୍‌ର କାରଣ ହୋଇପାରେ । କ୍ୟାନସର୍ କେତେଦୂର ବ୍ୟାପିଗଲାଣି ଏହା ଉପରେ ରୋଗର ଚିକିତ୍ସା ନିର୍ଭରକରେ । ବିଭିନ୍ନ ଯାଞ୍ଚ ସମୟରେ କ୍ୟାନସର୍ ବ୍ୟାପିବାର କୌଣସି ସଙ୍କେତ ନମିଳିଲେ ଟ୍ୟୁମର୍‌ର ଆକାର କମ୍ କରିବା ପାଇଁ ଅଧିକାଂଶ ରୋଗୀଙ୍କୁ ୩ମାସ ପର୍ଯ୍ୟନ୍ତ କେମୋଥେରାପି ଦିଆଯାଏ କିମ୍ବା ସର୍ଜରୀ କରାଯାଏ ।

ଷ୍ଟୋମାକ୍ କ୍ୟାନସର୍‌ର ଚିକିତ୍ସାରେ ବର୍ତ୍ତମାନ ଏକ ଔଷଧ ଫର୍ମୂଲା ବ୍ୟବହାର କରାଯାଉଛି, ଏହାର ନାମ 'ଟ୍ରାସ୍‌ଟ୍ୟୁଜୁମେବ୍' । ପ୍ରଥମେ ଏହି ଫର୍ମୁଲାରେ ପ୍ରସ୍ତୁତ ଔଷଧ ବ୍ରେଷ୍ଟ କ୍ୟାନସର୍ ପାଇଁ ବ୍ୟବହାର କରାଯାଉଥିଲା । ଏବେ ଏହି ଫର୍ମୂଲା ଷ୍ଟୋମାକ୍ କ୍ୟାନସର୍‌ର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଉଛି । ଏହି ଔଷଧକୁ କେମୋଥେରାପି ସହ ବ୍ୟବହାର କରାଯାଏ । ବର୍ତ୍ତମାନ ଏହାର ଦାମ୍ ଖୁବ୍ ଅଧିକ ଏବଂ କେବଳ ଆମେରିକାରୁ ଅଣାଯାଉଛି ।





---

## ଆମେ ଭଲ ନାଗରିକ ହେବା କେବେ





ଆଗରୁ ବିଦେଶୀମାନେ କହୁଥିଲେ, ଏବେ ଭାରତୀୟମାନେ ମଧ୍ୟ ଅନୁଭବ କଲେଣି ଆମ ଲୋକଙ୍କ ଭିତରେ ସିଭିକ୍ ସେନ୍ସର ଅଭାବ ଅଛି । ସ୍ୱାସ୍ଥ୍ୟ ଏବଂ ପରିମଳକୁ ନେଇ ଆମ ଦେଶରେ ସଚେତନତାର ଅଭାବ ଅଛି । ଆଗରୁ ବିଦେଶୀ ଅଧ୍ୟୟନକାରୀମାନେ ଭାରତକୁ ଅପରିଷ୍କାର, ପଛୁଆ ଏବଂ ଦୁର୍ନୀତିଗ୍ରସ୍ତ ଦେଶ ବୋଲି କହୁଥିଲେ । ଏହି ସର୍ବେକ୍ଷଣ ଭାରତୀୟମାନଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରୁଥିଲା, କିନ୍ତୁ ସେମାନେ ସଜାଗ ହେଉନଥିଲେ । ହେଲେ ଏବେ ଅନେକ ଜିନିଷ ନିଜକୁ ଖରାପ ଲାଗୁଛି । ଦେଶରେ ସହରୀକରଣ ବଢୁଛି । ମହାନଗରଗୁଡ଼ିକରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି । କାମ କରିବା ଏବଂ ରହିବା ଶୈଳୀ ବଦଳୁଛି । ସଡ଼କରେ ବିଦେଶୀ ଗାଡ଼ି ଛୁଟୁଛି । ମେଟ୍ରୋ ଟ୍ରେନ୍ ମଧ୍ୟ ଚାଲିଛି । ଧୀରେ ଧୀରେ ଅନୁଭବ ହେଉଛି ସହରର ଢାଞ୍ଚା ବଦଳୁଛି । ହେଲେ ଏହି ପରିବର୍ତ୍ତନ ସହ ତାଳଦେଇ ଆମ ଆଚରଣ ଏବଂ ବ୍ୟବହାର ବଦଳୁନି ବା ଉନ୍ନତ ହେଉନି ।

### ଘର ଅଳିଆ ରାସ୍ତାରେ

ଏବେ ଲୋକମାନେ ସହରରେ ହାଉସିଂ ସୋସାଇଟି ବନାଉଛନ୍ତି, ନିଜକୁ ଖୁବ୍ ଆଧୁନିକ ପ୍ରତିପାଦିତ କରିବା ପାଇଁ ସୋସାଇଟି ଭିତରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଉଛି । ହେଲେ ସବୁ ଘରର ଅଳିଆ ରାସ୍ତାରେ ପଡୁଛି । ବହୁତଳ ଅଟ୍ଟାଳିକାରେ ରହୁଥିବା ଲୋକେ ଘର ପୋଛି ମଇଳା ପାଣି ବାଲକୋନିରୁ ରାସ୍ତାକୁ ଫିଙ୍ଗୁଛନ୍ତି । ଆପାର୍ଟମେଣ୍ଟରେ ରହୁଛନ୍ତି, ହେଲେ ପଡ଼ୋଶୀଙ୍କ ବିଷୟରେ ଚିନ୍ତା ନକରି ରାତିଅଧରେ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ସିଷ୍ଟମ୍ ବଜାଉଛନ୍ତି । ଯେତେ ଶିକ୍ଷିତ ଲୋକ ହେଲେ ବି ରାସ୍ତାରେ ବରଯାତ୍ରୀ ନେବା ବେଳେ ରାସ୍ତା ମଝିରେ ନାଚଗୀତ ଚାଲୁଛି । ବରଯାତ୍ରୀ ପାଇଁ ଘଣ୍ଟା ଘଣ୍ଟା ଧରି ଗାଡ଼ିମଟର ଅଟକି ରହୁଛି । କିନ୍ତୁ ଅନ୍ୟ ଲୋକଙ୍କୁ ଯେ ଅସୁବିଧା ହେଉଛି ଏ ନେଇ ଚିନ୍ତା ନାହିଁ କାହାର । ସଡ଼କ ଚଉଡ଼ା ହେବାରେ ଲାଗିଛି, ଆଧୁନିକ ଦାମୀ ଗାଡ଼ି ସଂଖ୍ୟା ବଢୁଛି, ହେଲେ ଏସବୁ ଗାଡ଼ିର ମାଲିକ ଲେନ୍ ବିଷୟରେ ଚିନ୍ତା କରୁନାହାନ୍ତି କିମ୍ବା ସ୍ପିଡ୍ ବିଷୟରେ ଚିନ୍ତା କରୁନାହାନ୍ତି । ସେମିତି ପଥଚାରୀମାନେ ମଧ୍ୟ ଭାବୁନାହାନ୍ତି ଟ୍ରାଫିକ୍‌ରେ ନାଲି ଲାଇଟ୍ ଜଳିବା ବେଳେ ରାସ୍ତା ଅତିକ୍ରମ କରିବା ବିପଦ ବୋଲି । ସେମାନେ ଯେତେବେଳେ ଚାହୁଁଛନ୍ତି ରାସ୍ତା ପାର କରୁଛନ୍ତି । ଆମ ଲୋକମାନଙ୍କୁ ମେଟ୍ରୋ ପରି ଆଧୁନିକ ସୁବିଧା ଦରକାର । କିନ୍ତୁ ଏଥିରେ ଚଢ଼ିବା ପାଇଁ ଧାଡ଼ିରେ ଛିଡ଼ା ହେବାର ଧୈର୍ଯ୍ୟ ନାହିଁ ଆମ ପାଖରେ । ଜଣେ ଅନ୍ୟ ଜଣଙ୍କୁ ଧକ୍କା ଦେଇ ଆଗ ଚଢ଼ିବାକୁ ପ୍ରସ୍ତୁତ । ରାସ୍ତା କଡ଼ରେ ପରିସ୍ରା କରିବା, ଛେପ ପକାଇବା, ନାକ ପୋଛିବା, ଫଳଚୋପା, ଗୁଟ୍‌ଖା ପାଉଚ୍ ଆଦି ପକାଇବା ଖୁବ୍ ସାଧାରଣ କଥା ।

କମନଓ୍ୱେଲ୍‌ଥ ଗେମ୍ସକୁ ଆସିଥିବା ବିଦେଶୀ ଅତିଥିମାନେ ଯେତେବେଳେ ଆମ କ୍ରୀଡ଼ାଗ୍ରାମର ଅବ୍ୟବସ୍ଥା ସମ୍ପର୍କରେ ସମାଲୋଚନା କଲେ ସେତେବେଳେ ଆମକୁ ଖରାପ ଲାଗିଲା । ଉତ୍ତରରେ କର୍ତ୍ତୃପକ୍ଷ କହିଲେ, ପରିମଳ ବ୍ୟବସ୍ଥାକୁ ନେଇ ଆମ ଦେଶରେ ଏବଂ ବିଦେଶରେ ମାପଦଣ୍ଡର ଭିନ୍ନତା ଅଛି । ଭୌଗୋଳିକ ପରିବେଶରେ ଭିନ୍ନତା ଯୋଗୁଁ ଅବଶ୍ୟ ମାପଦଣ୍ଡରେ କିଛି ଭିନ୍ନତା ଥିବ । କିନ୍ତୁ ପ୍ରକୃତରେ ପରିମଳ, ଗମନାଗମନ ଏବଂ ନାଗରିକ ଜୀବନକୁ ନେଇ ଭାରତୀୟ ମାପଦଣ୍ଡ କ'ଣ ? ଏହାର ଉତ୍ତର ବୋଧହୁଏ କାହା ପାଖରେ ନଥିବ !

### ଏଜେଣ୍ଡାରେ ସ୍ୱଚ୍ଛତା

ସତ କହିବାକୁ ଗଲେ ପରିଷ୍କାର ପରିଚ୍ଛନ୍ନତା, ପରିବେଶ, ପରିମଳ ଆମ ସରକାରଙ୍କ ପାଇଁ କିମ୍ବା ଆମ ସମାଜ ପାଇଁ କୌଣସି ବଡ଼ ପ୍ରସଙ୍ଗ ନୁହେଁ । କାରଣ ଆମ ନେତାମାନେ ସାମାଜିକ ଜୀବନର ପ୍ରଶ୍ନକୁ ରାଷ୍ଟ୍ରୀୟତା ସହ ଯୋଡ଼ି ନାହାନ୍ତି । କିନ୍ତୁ ଅନେକ ବିକାଶଶୀଳ ଦେଶରେ ଏହା ଏକ ମୁଖ୍ୟ ପ୍ରସଙ୍ଗ । ଆମେ ଭିଏତ୍‌ନାମକୁ ଏହାର ଉଦାହରଣ ଭାବରେ ନେଇପାରିବା । ଭିଏତ୍‌ନାମର ଜନନାୟକ ହୋ ଚି ମିନ୍ ପରିମଳକୁ ରାଜନୈତିକ ଚେତନା ଏବଂ ଦେଶ ଭକ୍ତିର ଏକ ଅଭିନ୍ନ ଅଂଶରେ ପରିଣତ କରିଥିଲେ । ଯେତେବେଳେ ତାଙ୍କୁ ସମୟ ମିଳୁଥିଲା, ସେତେବେଳେ ସେ ରାସ୍ତା ଝାଡୁ କରିବା ପାଇଁ ବାହାରି ପଡୁଥିଲେ । ଭାରତରେ କେବଳ ଗାନ୍ଧୀ ଏହାକୁ ଅନୁଭବ କରିଥିଲେ । କିନ୍ତୁ ସେ ଉନ୍ନତ ନାଗରିକ ଜୀବନ ପ୍ରସଙ୍ଗକୁ ରାଜନୈତିକ ସ୍ୱାଧୀନତାର ସ୍ୱପ୍ନ ସହ ଯୋଡ଼ିପାରି ନଥିଲେ । ଜାତୀୟ କଂଗ୍ରେସ ଏହି ପ୍ରସଙ୍ଗ ନେଇ ତାଙ୍କ ସହ ସହମତ ହୋଇନଥିଲା । କଂଗ୍ରେସ ପାଇଁ ସାମାଜିକ ପ୍ରସଙ୍ଗ କେବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନଥିଲା । ଏହି ପ୍ରସଙ୍ଗକୁ ସାମିଲ କରିବା ପାଇଁ କଂଗ୍ରେସର ଆଗ୍ରହ ମଧ୍ୟ ନଥିଲା । ଦଳର ଅଧିକାଂଶ ନେତା ଗାନ୍ଧୀଜୀଙ୍କର ପରିମଳ ଆଗ୍ରହକୁ ତାଙ୍କର ନିଜସ୍ୱ ଆଗ୍ରହ ବୋଲି ସ୍ୱୀକାର କରୁଥିଲେ । ଆଧୁନିକ ସମାଜର ସମର୍ଥକ ନେହରୁ ମଧ୍ୟ ନାଗରିକ ଜୀବନ ପ୍ରସଙ୍ଗକୁ କେବେ ଗୁରୁତ୍ୱ ଦେଇନଥିଲେ । ପ୍ରକୃତରେ ତାଙ୍କୁ ଏବଂ ଅନ୍ୟ ନେତାମାନଙ୍କୁ ଲାଗୁଥିଲା, ସ୍ୱାଧୀନତା ପାଇବା ପରେ ସବୁକିଛି ମନକୁ ମନ ଠିକ୍ ହୋଇଯିବ । ସେତେବେଳେ ସେମାନେ ବୋଧହୁଏ ବୁଝିପାରିଲେ ନାହିଁ ସ୍ୱାଧୀନତା ହାସଲ କରିବା ପରେ ରାଷ୍ଟ୍ରକୁ ଦୃଢ଼ ରଖିବା ନିମନ୍ତେ ଆମକୁ ଏକ ସଚେତନ ନାଗରିକ ସମାଜ ଆବଶ୍ୟକ ହେବ । ଆଉ କିଛି ନେତାଙ୍କୁ ଲାଗେ ଭାରତ ପରି ଗରିବ ଦେଶ ପାଇଁ କ୍ଷୁଧା ନିବାରଣ ସବୁଠାରୁ ବଡ଼ ପ୍ରସଙ୍ଗ । ପରିମଳ ଏବଂ ନାଗରିକ ଜୀବନ ଏହାଠାରୁ ଢେର୍ ପଛରେ । ଏହି କାରଣରୁ ସ୍ୱାଧୀନତା ପରେ ମଧ୍ୟ ବାମପନ୍ଥୀମାନେ କିମ୍ବା ଅନ୍ୟ କୌଣସି ନୀତିବାଦୀମାନେ ଏହାକୁ ଜନଆନ୍ଦୋଳନର ପ୍ରସଙ୍ଗ କରିନଥିଲେ ।

### ଅସହଯୋଗ ମନୋଭାବ

ସ୍ୱାଧୀନତା ଆନ୍ଦୋଳନ ସମୟରେ ସରକାରଙ୍କ ସହ ଅସହଯୋଗ ଏବଂ ଆଇନଭଙ୍ଗକୁ ନେତାମାନେ ଏକ ହତିଆର ଭାବେ ବ୍ୟବହାର କରୁଥିଲେ । ସ୍ୱାଧୀନତା ଲାଭ କରିବା ପରେ ମଧ୍ୟ ଲୋକମାନଙ୍କ ମନରୁ ଏହାର ସ୍ମୃତି ଲିଭି ପାରିନି । ସରକାରଙ୍କ ପ୍ରତି ସେହି ଅସହଯୋଗ ଭାବନା ଏବେ ବି ରହିଛି । ସରକାରଙ୍କୁ ନିଜର ଶତ୍ରୁ ଭାବରେ ଦେଖିବାର ମନୋଭାବ ଏବେ ବି ଲୋକଙ୍କ ଭିତରେ ରହିଛି । ନିୟମର ଉଲ୍ଲଂଘନ କୌଣସି ନା କୌଣସି ରୂପରେ ଏହି ମନୋଭାବର ଅଭିବ୍ୟକ୍ତି । ଆମ ଦେଶରେ କୌଣସି ଦାବି ପୂରଣ ପାଇଁ ସର୍ବପ୍ରଥମେ ରାସ୍ତା ବନ୍ଦ କରି ଧର୍ମଘଟ କରାଯାଏ । ଏଥିରେ ସାଧାରଣ ଲୋକଙ୍କର ଯାତାୟାତରେ ଅସୁବିଧା ହୁଏ । ଏହାପରେ ସେମାନେ ସାର୍ବଜନୀନ ସମ୍ପତ୍ତି ଉପରେ ଆକ୍ରମଣ କରନ୍ତି । ଦୁର୍ଭାଗ୍ୟବଶତଃ ସରକାରୀ ଅନୁଷ୍ଠାନମାନେ ମଧ୍ୟ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରି ନାହାନ୍ତି ଏପର୍ଯ୍ୟନ୍ତ । ଏହି କାରଣରୁ ସେମାନଙ୍କୁ ଜନସହଯୋଗ ମିଳିପାରି ନାହିଁ ।

ସନ୍ତୁଳିତ ନାଗରିକ ଜୀବନ ପାଇଁ ନାଗରିକମାନଙ୍କ ମଧ୍ୟରେ ସମାନତା ଭାବ ଆସିବା ଖୁବ୍ ଜରୁରୀ । କିନ୍ତୁ ଭାରତରେ ଯେପରି ଭାବରେ ଜାତି, ଧର୍ମ, ଅଞ୍ଚଳକୁ ନେଇ ରାଜନୀତି ହେଉଛି, ସେଥିରେ ଲୋକଙ୍କ ମନରେ ଅନେକ ପ୍ରଭେଦ ସୃଷ୍ଟି ହେଉଛି । ଫଳରେ ଲୋକମାନଙ୍କ ମଧ୍ୟରେ ସହଯୋଗ ପ୍ରବୃତ୍ତି ବୃଦ୍ଧି ପାଇପାରୁନାହିଁ । ଏହା ବ୍ୟତୀତ ଆର୍ଥିକ ଏବଂ ଶିକ୍ଷାକ୍ଷେତ୍ରରେ ଅସନ୍ତୁଳନ ରହିଛି । ଏହାଛଡ଼ା ସହରରେ ରହୁଥିବା ଅନେକ ଲୋକ ନିଜ ସହ ଗାଁର ସ୍ମୃତି ନେଇ ଆସିଥାନ୍ତି, ଯାହା ସେମାନଙ୍କ ଅବଚେତନ ମନରେ ବସାବାନ୍ଧି ରହିଥାଏ । ସେମାନେ ସବୁବେଳେ ସହରକୁ ଗାଁ ସହ ତୁଳନା କରନ୍ତି । ଗାଁରେ ସହର ପରି ପରିମଳ ଏବଂ ଟ୍ରାଫିକ୍ ସମସ୍ୟା ନଥାଏ । ତେଣୁ ସହରର ମାପଦଣ୍ଡକୁ ସେମାନେ ମାନସିକ ଭାବରେ ଗ୍ରହଣ କରିପାରନ୍ତିନି । ଆମ ଦେଶରେ ବିକାଶର ଯେଉଁ ମଡେଲ୍ ଅଛି, ତାହାର ମୁଖ୍ୟ ଅଂଶ ସହରୀକରଣ । ତେବେ କେବଳ ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ତିଆରି କରିଦେଲେ ସହର ହୋଇଯାଏନି । ସହରୀକରଣ ପାଇଁ ନାଗରିକମାନଙ୍କୁ ମାନସିକ ଭାବରେ ପ୍ରସ୍ତୁତ କରିବାକୁ ହୁଏ । ତେବେ ପ୍ରଥମେ ଆମର ରାଜନେତାମାନେ ଏଥିପାଇଁ ପ୍ରସ୍ତୁତ ହେଲେ, ଏହା ସମ୍ଭବ ହୋଇପାରିବ ।



